# Akashvani, Sambalpur

## SAMBALPURI NEWS EVENING BULLETIN

**11 May 2025- 7.02 pm- 7.12 pm.**

*******************************************

୧- ଅପରେସନ୍ ସିନ୍ଦୂର୍‌ଥି ଶହେନୁ ଅଏତ୍‌କା ଆତଙ୍କବାଦୀ ନିପାତ୍ ହେଇଥିବା ସାମ୍ବାଦିକ୍ ସମ୍ମିଳନୀଥି ଡି.ଜି.ଏମ୍.ଓ.ଙ୍କର୍ ସୂଚ୍‌ନା ।

- ଆଏବା କାଏଲ୍ ହେବା ଭାରତ୍- ପାକିସ୍ତାନ୍ ଡି.ଜି.ଏମ୍.ଓ. ସ୍ତରୀୟ ଆଲୋଚନା ।

୨- ଦିଘା ଶ୍ରୀଜଗନ୍ନାଥ୍ ମନ୍ଦିର୍ ବିବାଦ୍ ପ୍ରସଙ୍ଗଥି ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ମାସେ ଲାଗି ନିଲମ୍ବନ୍ କଲେ ଶ୍ରୀମନ୍ଦିର୍ ପ୍ରଶାସନ୍ ।

୩- ପୋଖରାନ୍ ନ ହେଇଥିବା ପରମାଣୁ ପରୀକ୍ଷଣ୍‌ର ସଫଲତାକେ ସୋର୍ ପକେଇକରି ଆଏଜ୍ ପାଲନ୍ ହେଉଛେ ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ୍ ।

ଆଉର୍

୩- ରାଏଜେ ବଢୁଛେ ତାତି - ୪୩ ଦଶ୍‌ମିକ୍ ୨ ଡିଗ୍ରୀ ସହେତେ ସମ୍ବଲ୍‌ପୁର୍ ରାଜ୍ୟର୍ ସବୁନୁ ତତ୍‌ଲା ସହର୍ ।

ଅପରେସନ୍ ସିନ୍ଦୁର- ସାମ୍ବାଦିକ୍ ସମ୍ମିଲନୀ

ଆର୍‌ଏନ୍‌ୟୁ/ କଟକ୍

ଭାରତ୍ - ପାକିସ୍ତାନ୍ ଅସ୍ତ୍ରବିରତି ଉତ୍‌ରୁ ଆଏଜ୍ ବେଲ୍‌ବୁଡ଼େ ତିନ୍‌ହି ସେନାର୍ ସାମରିକ୍ ଅଭିଯାନ୍ ମହାନିର୍ଦ୍ଦେଶକ୍ ଡି.ଜି.ଏମ୍.ଓ.ଙ୍କର୍ ସାମ୍ବାଦିକ୍ ସମ୍ମିଲନୀ ହେଇଯାଇଛେ । ଇ ଅବ୍‌ସରେ ସ୍ଥଲସେନା ଡି.ଜି.ଏମ୍.ଓ. ଲେପ୍ଟେନେଂଟ୍ ଜେନେରାଲ୍ ରାଜୀବ୍ ଘାଇ କହିଛନ୍, ଅପରେସନ୍ ସିନ୍ଦୁର୍ ଜରିଏ ଖୋବ୍ ଯୋଜ୍‌ନାବଦ୍ଧ ଆର୍ ପରିପକ୍ୱତାର୍ ସହେତେ ୯ ଟା ଆତଙ୍କବାଦୀଙ୍କର୍ ଠିକ୍‌ନାକେ ଧ୍ୱଂସ କରାଯାଇଛେ । ଇଥି ଶହେ ନୁ ଅଏତ୍‌କା ଆତଙ୍କବାଦୀ ନିପାତ୍ ହେଇଛନ୍ । ଇତାର୍ ଭିତ୍‌ରେ ପୁଲ୍‌ୱାମା ଆକ୍ରମଣ୍ ଆଉ କାନ୍ଦାହାର୍ ବିମାନ୍ ଅପହରଣ୍‌ଥି ସାମିଲ୍ ଥିବାର୍ ୟୁସୁଫ୍ ଅଜ୍‌ହର୍, ଅବ୍‌ଦୁଲ୍ ମଲ୍ଲିକ୍ ରୌଫ୍ ଆର୍ ମୁଦ୍ଦସିର୍ ଅହମ୍ମଦ୍ ବାଗିର୍ କୁଖ୍ୟାତ୍ ଆତଙ୍କବାଦୀ ସାମିଲ୍ ଅଛନ୍ । ଅପରେସନ୍ ସିନ୍ଦୁର୍ ଆତଙ୍କବାଦୀ ଭିତିଭୂମି ଆଉ ଆତଙ୍କବାଦୀମାନ୍‌କର୍ ବିରୋଧ୍ ନ କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍ ଲାଗି ମୁଲ୍ ହେଇଛେ । ଭାରତ୍ ସବୁବେଲେ ଆତଙ୍କବାଦ୍ ବିରୋଧ୍ ନ ଶୂନ୍ୟ ସହନଶୀଳତା ନୀତି ଅପ୍‌ନାବାର୍ ସହେତେ ଆତଙ୍କବାଦୀ ବିରୋଧୀ ଲଢ଼େଇ ଜାରି ରହିଛେ । ଲେପ୍ଟେନେଂଟ୍ ଜେନେରାଲ୍ ରାଜୀବ୍ ଘାଇ କହିଛନ୍, ଭାରତ୍-ପାକିସ୍ତାନ୍

ଅସ୍ତ୍ରବିରତି ଲାଗି ପହେଲା ପାକିସ୍ତାନ୍‌ର ଡି.ଜି.ଏମ୍.ଓ.ଙ୍କର୍ ତର୍‌ଫୁ ପ୍ରସ୍ତାବ୍ ଆସିଥିଲା । ଆଏବା କାଏଲ୍ ଦୁହି ଦେଶର୍ ଡି.ଜି.ଏମ୍.ଓ. ସ୍ତର୍‌ଥି କଥାବାର୍ତା ହେବା ।

ହେଲେ ପାକିସ୍ତାନ୍ ତର୍‌ଫୁ ଅସ୍ତ୍ରବିରତି ଉଲ୍ଲଂଘନ୍ କରାଯାଇଛେ ।

ଭାରତ୍ ଇତାକେ ନେଇକରି କଡ଼ା ଆଭିମୁଖ୍ୟ ଗ୍ରହଣ୍ କରିଛେ । ବାୟୁସେନାର୍ ମହାନିର୍ଦ୍ଦେଶକ୍ ଏୟାର୍ ମାର୍ସଲ୍ ଏ.କେ. ଭାରତୀ କହିଛନ୍, ଆମର୍ ଯୁଦ୍ଧ ପାକିସ୍ଥାନ୍ ବିରୁଦ୍ଧଥି ନୁହେଁ, ହେଲେ ଆମର୍ ଅଭିଯାନ୍ ଆତଙ୍କବାଦୀଙ୍କର୍ ବିପକ୍ଷଥି ଜାରି ରହେବା । ଗଲା ୭ ତାରିଖ୍ ପାକିସ୍ତାନ୍ ତର୍‌ଫୁ ଭାରତ୍ ସୀମ୍‌ନା ନ ଡ୍ରୋନ୍ ଆର୍ କ୍ଷେପଣାସ୍ତ୍ର ଜରିଏ ଆକ୍ରମଣ୍‌ର ଚେରେଷ୍ଟା ହେଇଥିଲା । ଭାରତୀୟ ସେନା ତର୍‌ଫୁ ପାକିସ୍ତାନ୍ ସେନାର୍ ସବୁ ଉଦ୍ୟମ୍‌କେ ସଫଲତାର୍ ସହେତେ ବିଫଲ୍ କରାଯାଇଥିଲା । ଇ ଆକ୍ରମଣ୍‌ଥି ଭାରତୀୟ ସିମ୍‌ନା ନ ସାମାଏନ୍ କ୍ଷୟକ୍ଷତି ହେଇଛେ । ଭାରତୀୟ ସେନା ତର୍‌ଫୁ କଡ଼ା ଜବାବ୍ ଦେଇକରି ଲାହୋର୍ ଆର୍ ଗୁଜୁରନ୍‌ୱାଲା ନ ଥିବାର୍ ଏଲ୍.ୱାଇ.ଟି. କେମ୍ପ୍‌କେ ରାଡ଼ାର୍ ଜରିଏ ଚିହ୍ନଟ୍ କରାଯାଇକରି ଆକ୍ରମଣ୍ କରାଯାଇଥିବାର୍ ଏୟାର୍ ମାର୍ସଲ୍ କହିଛନ୍ । ଇତାର୍ ଆଘୋନୁ ଆଏଜ୍ ସ୍ଥଳସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ପର୍ଶ୍ଚିମ ସୀମାର୍ ସୁରକ୍ଷା

କମାଣ୍ଡରଙ୍କର୍ ସହେତେ ଗୁଟେ ସମୀକ୍ଷା ବୈଠକ୍ କରିଥିଲେ । ପାକିସ୍ତାନ୍ ସେନା ତରଫୁ ଗଲାକାଏଲ୍ ରାତି କରାଯାଇଥିବା ଅସ୍ତ୍ରବିରତି ଉଲ୍ଲଂଘନ୍ ବାବ୍‌ଦେ ଜେନେରାଲ୍ ଦ୍ୱିବେଦୀ ଆଲୋଚନା କରିଥିଲେ । ଦୁହି ଦେଶର୍ ଡି.ଜି.ଏମ୍.ଓ. ସ୍ତରୀୟ ଆଲୋଚନାଥି ଫେରଘାଏ ଅସ୍ତ୍ରବିରତି ଉଲ୍ଲଂଘନ୍ କ୍ଷେତ୍ରଥି ଭାରତୀୟ ସେନାକେ ପୁର୍ଣ୍ଣକ୍ଷମତା ଦିଆଯାଇଛେ ବଲି ସେନା ତରଫୁ କୁହାଯାଇଛେ ।

ଅପରେସନ୍ ସିନ୍ଦୁର      ଜି.ଏନ୍.ଆର୍

ଆଏଜ୍ ସଖାଲ୍‌ବେଲା ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ତାକର୍ ନୂଆଦିଲ୍ଲୀର୍ ଆବାସିକ୍ କାର୍ଯ୍ୟାଳୟ ନ ଭାରତ୍- ପାକିସ୍ତାନ୍ ଭିତ୍‌ରେ ଅସ୍ତ୍ରବିରତି ଉତ୍‌ରର୍ ଥିତିକେ ନେଇକରି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ବୈଦେଶିକ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ଏସ୍. ଜୟଶଙ୍କର୍, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍, ପ୍ରତିରକ୍ଷା ବାହିନୀ ମୁଖ୍ୟ ଅନୀଲ୍ ଚୌହାନ୍ ଆଉ ତିନ୍‌ହି ସେନାର୍ ମୁଖ୍ୟ ଭିଲ୍ ଉପସ୍ଥିତ୍ ଥିଲେ ।

ସେଆଡ଼େ ଅପରେସନ୍ ସିନ୍ଦୁର୍ ଜାରି ରହିଛେ ବଲି ଭାରତୀୟ ବାୟୁସେନା ତର୍ଫୁ କୁହାଯାଇଛେ । ନିଜର୍ କାମ୍‌କେ ବାୟୁସେନା ସଫଲତାର୍ ସହେତେ କରିଛେ । ସମନ୍ୱିତ ଆଉ ସୁଚିନ୍ତିତ୍ ଭାବେ ଇ ଅପରେସନ୍ ଜାରି ରହିଥିବା ବାୟୁସେନା ତର୍ଫୁ କୁହାଯାଇଛେ ।

ରାଜ୍‌ନାଥ୍ ସିଂ- ଅପରେସନ୍ ସିନ୍ଦୁର          ଏନ୍‌ଏସ୍‌ଡି

ଅପରେସନ୍ ସିନ୍ଦୁର୍ ଖାଲି ଗୁଟେ ସାମରିକ୍ କାର୍ଯ୍ୟାନୁଷ୍ଠାନ୍ ନୁହେଁସେ, ଇଟା ଦେଶର୍ ରାଜନୈତିକ, ସାମାଜିକ୍, ରଣନୈତିକ୍ ଇଚ୍ଛାଶକ୍ତିର୍ ପ୍ରତୀକ୍ ଆଏ ବଲି ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ କହିଛନ୍ । ଉତର୍‌ପ୍ରଦେଶ୍‌ର ଲକ୍ଷ୍ନୌ ଠାନେ ବ୍ରହ୍ମୋସ୍ ଏରୋସ୍ପେସ୍ ଏକକୀକୃତ ଆଉ ପରୀକ୍ଷଣ କେନ୍ଦ୍ରକେ ଆଭାସୀ ଜରିଏ ଉଦ୍‌ଘାଟନ୍ କରିକରି ଶ୍ରୀ ସିଂ କହିଛନ୍, ଅପରେସନ୍ ସିନ୍ଦୁର୍ ଆତଙ୍କ୍‌ବାଦ୍ ବିରୋଧ୍ ନ ଭାରତ୍‌ର ଜବର୍ ଇଚ୍ଛାଶକ୍ତି ଆଉ ସାମରିକ୍ ଶକ୍ତିର୍ କ୍ଷମତା ଆଉ ସଂକଳ୍ପକେ ଦର୍ଶେଇଛେ ।

(ଭଏସ୍ ଓଭର୍- ରାଜ୍‌ନାଥ୍ ସିଂ)

ବରିଷ୍ଠ ଦଇତାପତି ସେବକ ନିଲମ୍ବିତ          ପୁରୀ ସମ୍ବାଦଦାତା

ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ଦିଘା ଘଟ୍ନା ଲାଗି ବରିଷ୍ଠ ଦଇତାପତି ସେବକ ଶ୍ରୀ ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ମାହାପୁରୁଙ୍କର୍ ସେବା କାମ୍ନୁ ଗୁଟେ ମାସ୍ ଲାଗି ନିଲମ୍ବନ୍ କରିଛନ୍ । ଇ ସମିଆଥି ଶ୍ରୀ ଦାସ ମହାପାତ୍ର କେନ୍ସି ପୂଜା କାମ୍ଥି ସାମିଲ୍ ନାଇଁ ହେଇପାରନ୍ ଆଉ ମନ୍ଦିର୍ ଭିତର୍କେ  ନାଇଁ ଯାଇପାରନ୍ ବଲି ନିଲମ୍ବନ୍ ଆଦେଶ୍ଥି କୁହାଯାଇଛେ । ଇ ସମିଆ ଭିତ୍ରେ ଶ୍ରୀ ଦାସ ମହାପାତ୍ର ଅଲ୍ଗା ନିଯୋଗ୍ର କେନ୍ସି ସେବକ ଆଉ ବ୍ୟକ୍ତିମାନ୍କୁ ଧମକ୍ ଚମକ୍ ଦେଇକରି କେନ୍ସି ନୀତିକାନ୍ତିଥି ବାଧକ୍ ସାଜ୍ଲେ ଇ ନିଲମ୍ବିତ୍ ସମିଆକେ ଆଉ ବଢ଼ାଯାଇକରି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମୁଖ୍ୟ ପ୍ରଶାସକ କହିଛନ୍ ।

ମୁଖ୍ୟମନ୍ତ୍ରୀ ସୁରକ୍ଷା ସଂଗଠନ୍        ଭୁବ୍ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୁଆନ୍ ପିଢ଼ିକେ ବେସାମରିକ୍ ସୁରକ୍ଷା ସଂଗଠନ୍ଥି ସ୍ୱେଚ୍ଛାସେବୀ ଭାବେ ଯୋଗ୍ ଦେବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଯୁବସମାଜ ହେଉଛନ୍ ଆମର୍ ଆଶା, ଭରସା ଆର୍ ଶକ୍ତିର୍

ପ୍ରତୀକ୍ । ଇଛୁକ୍ ବ୍ୟକ୍ତିମାନେ ଜିଲ୍ଲାପାଲ୍ଙ୍କର୍ ପାଶେ ଇଥିର୍ଲାଗି ଆବେଦନ୍ କରିପାର୍ବେ । ରାଏଜେ ୧୨ ଟା ଜାଗା ନ ବେସାମରିକ୍ ସୁରକ୍ଷା ସଂଗଠନ୍ କାମ୍ କରୁଥିବାର୍ ବେଲେ ଦର୍କାର୍ ହେଲେ ଅଲ୍ଗା ଜାଗାମାନ୍କେ ନୂଆଁ ସଂଗଠନ୍ ବନାବାର୍କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଥିବାର୍ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଯୁଦ୍ଧ କଳାବଜାରୀ ହି.ସ.

ଯୁଦ୍ଧ ପରିସ୍ଥିତି ନାଁଥି କଳାବଜାରୀ କଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍, ରାଏଜେ ଇହାଦେ ଖାଏବାର୍ ଦରବ୍ ଭର୍ପୁର୍ ମାତ୍ରାଥି ରହିଛେ ଆଉ ଏନ୍ଫୋର୍ସମେଂଟ୍ ଟିମ୍ ଜରିଏ ଭିନ୍ ଭିନ୍ ଜାଗା ନ ଚଢ଼ଉ କରାଯାଉଛେ । ସେଆଡ଼େ ଯେନ୍ ବିଦେଶୀମାନେ ରାସନ୍ କାର୍ଡ଼ ନେଇଛନ୍ ସେତାକେ ତୁର୍ତି ଫିରାବାର୍ ଲାଗି ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ୍ ଦେଇଛନ୍ । ସମ୍ପୃକ୍ତ ବିଦେଶୀମାନେ କେନ୍ତାକରି ରାସନ୍କାର୍ଡ଼ ପାଏଲେ ସେ ବାବ୍ଦେ ତଦନ୍ତ୍ ଲାଗି ଭିଲ୍ ମନ୍ତ୍ରୀଙ୍କର୍ ତର୍ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ସର୍କାରୀ ଛୁଟି ଥିବାର୍‌ନୁ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ ହି.ସ./ଆର୍‌ଏନ୍‌ୟୁ/ କଟକ୍

ଆଏଜ୍ ହେଉଛେ ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ୍ । ୧୯୯୮ ମସିହା ମେ ମାସେ ଆଘର୍ ପ୍ରଧାନ୍‌ମନ୍ତ୍ରୀ ଅଟଲ୍ ବିହାରୀ ବାଜପେୟୀଙ୍କର୍ ସର୍କାର୍ ରାଜସ୍ଥାନ୍‌ର ପୋଖରାନ୍ ଠାନେ ସଫଲତାର୍ ସହେତେ ପର୍‌ମାଣୁ ପରୀକ୍ଷଣ୍ କରିଥିଲା । ଭାରତ୍‌ର ସାହସିକତାକେ ସାରା ପୁର୍‌ଥି ନ ପହଁଚେଇଥିବାର୍ ଉଦ୍ଦେଶ୍‌ଥି ଫି’ ବଛର୍ ଆଝିର୍ ଦିନ୍‌କେ ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ ‘ନୂଆଁ ପ୍ରଯୁକ୍ତି ବିଦ୍ୟା, ଅନୁସନ୍ଧାନ୍ ଆଉ ଗତିଶୀଳତା ଲାଗି ଯୁଗାନ୍ତର’ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଦେଶର୍ ବୈଜ୍ଞାନିକ୍‌ମାନ୍‌କୁ

ଶୁଭେଚ୍ଛା ଜଣେଇକରି ପ୍ରଯୁକ୍ତିବିଦ୍ୟା କ୍ଷେତ୍ରଥି ଭାରତ୍ ବିଶ୍ୱସ୍ତର୍ ନ ନେତୃତ୍ୱ ନେଉଛେ ବଲି କହିଛନ୍ ।

ଭୁବ୍ନେଶ୍ୱର୍ ନ ହେଇଥିବା କାର୍ଯ୍ୟକ୍ରମ୍ଥି ମୁଖ୍ୟଅତିଥି ଭାବେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଯୋଗ୍ ଦେଇକରି ପ୍ରଯୁକ୍ତି ବିଦ୍ୟାର୍ ବିକାଶ୍ ଉପ୍ରେ ଜୋର୍ ଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ୍ ଅବ୍ସରେ ଉଭାବନ୍କେ ବିକାଶ୍ର ମୂଳମନ୍ତ୍ର ବଲି କହିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ମୁଖ୍ୟମନ୍ତ୍ରୀ କହିଛନ୍, ପ୍ରଯୁକ୍ତି ବିଦ୍ୟା ଜରିଏ ଓଡ଼ିଶାର୍ ସମାବେଶୀ ବିକାଶ୍ ଆଉ ବର୍କସ୍ ଭିତିଭୂମି ତିଆର୍ ହେଇପାର୍ବା ।

ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ-୧ ହି.ସ./ଆର୍ଏନ୍ୟୁ/ କଟକ୍

ରାଜ୍ୟ ବିଜ୍ଞାନ୍ ଆଉ ବୈଷୟିକ ବିଭାଗ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବ୍ନେଶ୍ୱର୍ ନ ସାଇନ୍ସ ସିଟି ଥାପ୍ନା ଲାଗି ମୁଖ୍ୟମନ୍ତ୍ରୀ ଶହେ ଏକଡ଼୍ ଜାଗା ମଞ୍ଜୁର୍ କରିଥିବାର୍ କହିଛନ୍ । ସେ କହିଛନ, ରାଏଜେ ଗୁଟେ ବାୟୋଟେକ୍ନୋଲୋଜି ପାର୍କ ତିଆର୍ କରାଯିବା । ବଲାଙ୍ଗିର୍, ରାଉର୍କେଲା ଆର୍ ଗଞ୍ଜାମ୍ ନ ୩ ଟା ପ୍ଲାନେଟୋରିୟମ୍ ତିଆର୍ ହେଉଥିବାର୍

ବେଲେ ଆଉ ୩ ଟା ପ୍ଲାନେଟୋରିୟମ୍ ଲାଗି ରାଜ୍ୟ ସର୍କାର୍ ଯୋଜ୍ନା କରୁଥିବାର୍ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ମଦର୍ସ ଡେ ଆର୍ଏନ୍ୟୁ/ କଟକ୍

ମୁନୁଷର୍ ଜୀବନ୍ ଆର୍ ସମାଜ୍ ଗଢ଼୍ବାର୍‌ଥି ମା'ର ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ଆଏ । ମା' ମାନ୍‌କର୍ ଉତ୍ସର୍ଗୀକୃତ ଜୀବନ୍‌କେ ସୋର୍ କରିକରି ଆଏଜ୍ ସାରା ପୁର୍‌ଥି ନ ପାଲିତ୍ ହେଉଛେ ମଦର୍ସ ଡେ- ମାତୃଦିବସ୍ । ଫି' ବଛର୍ ମେ ମାସର୍ ୨ ନମ୍ବର୍ ରଏବାର୍‌ଥି ଇ ଦିନ୍ ପାଲନ୍ କରାଯାଏସି । ୧୯୦୮ ମସିହାଥି ପହେଲାକରି ଆମେରିକାର ପଶ୍ଚିମ ଭର୍ଜିନିଆର ଗ୍ରାଫ୍ଟନ୍ ସହର୍ ନ ଥିବା ସେଂଟ୍ ଆଣ୍ଡ୍ରିୟୁସ୍ ମେଥୋଡିସ୍ ଚର୍ଚ୍ଚ ନ ମାତୃଦିବସ୍ ପାଲନ୍ କରାଯାଇଥିଲା ।

ଆଏଜ୍ ମା ମାନ୍‌କୁ ଉତ୍ସର୍ଗ କରିକରି ମାତୃତ୍ୱ ଦିବସ୍ ଅବ୍‌ସରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ମାତୃ ଦିବସ୍‌ର ଶୁଭେଚ୍ଛା ଜନେଇଛନ୍ । ମା' ମାନେ ଧୈର୍ଯ୍ୟ, ସାହସ୍, ବଳିଦାନ୍ ଆର୍ ପ୍ରେମ୍‌ର ପ୍ରତିମୂର୍ତ୍ତି ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମାତୃ ଦିବସ୍‌ର ଶୁଭେଚ୍ଛା ଜନେଇକରି ମା' ସ୍ରଷ୍ଟାଙ୍କର୍ ଗୁଟେ ଅମୂଲ୍ୟ ସୃଷ୍ଟି ବଲି କହିଛନ୍ । ଜୀବନ୍‌ର ସବୁ ମୁହୂର୍ତ୍ତ, ସବୁ ସମିଆ ମା' ଲାଗି

ଆଏଜ୍ ସେଥିର୍‌ଲାଗି ସବୁ ମା’ ମାନ୍‌କୁ ସୁଖ୍ ସୁବିଧା, ନିରୋଗ୍ ଜୀବନ୍ ମିଲୁ ବଲି ସେ କାମ୍‌ନା କରିଛନ୍ ।

ବୈଶାଖ୍ ମେଲା ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ନୃସିଂହନାଥ ପୀଠ ନ ପବିତ୍ର ବୈଶାଖ୍ ମେଲା ଅବ୍‌ସରେ ଆଏଜ୍ ନୃସିଂହ ଚତୁର୍ଦ୍ଦଶୀ ପାଲନ୍ କରାଯାଇଛେ । ପରମ୍ପରା ଅନ୍‌ସାରେ ଆଏଜ୍ ବେଲ୍‌ବୁଢ଼େ ଯମୁନା କନ୍ଧୁଣୀଙ୍କର୍ ବଂଶଧର ମନ୍ଦିର୍ ଶିଗେ ନେତ ବନ୍ଧା ଯାଉଛେ । ଆଏଜ୍ ମାହାପୁରୁଙ୍କର୍ ନ କନ୍ଦା ଭୋଗ୍ ଲାଗି ହେଇଛେ । ବୈଶାଖ୍ ମେଲା ଅବ୍‌ସରେ ଚାଲିଥିବା ବିଶ୍ୱଶାନ୍ତି ଯଜ୍ଞପୀଠ ନ ହୋମ ଆର୍ ଆଲ୍‌ତୀ କରାଯାଇଛେ । ଇ ଅବ୍‌ସରେ ହଜାର୍ ହଜାର୍ ଭକ୍ତଙ୍କର୍ ସମାବେଶ୍ ହେଇଛେ ।

ନୃସିଂହ ଜନ୍ମୋତ୍ସବ୍ ନୀତ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍‌ର ପ୍ରସିଦ୍ଧ ନୃସିଂହମନ୍ଦିର୍ ନ ଆଏଜ୍ ବୈଶାଖ୍ ଶୁକ୍ଳ ଚତୁର୍ଦ୍ଦଶୀ ଅବ୍‌ସରେ ଶ୍ରୀ ନୃସିଂହ ମାହାପୁରୁଙ୍କର୍ ଜନ୍ମୋତ୍ସବ୍ ନୀତି ହେଇଛେ । ବହୁତ୍‌ଟେ ମହିଲା ମହାନଦୀର୍

ଲଙ୍କେଶ୍ୱରୀ ଘାଟ୍ ନ କଲସ୍ ଶୋଭାଯାତ୍ରାଥି ଆସିକରି ଯଜ୍ଞସ୍ଥଲୀ ନ ପୂର୍ଣ୍ଣକୁମ୍ଭ ଥାପ୍ନା କରିଛନ୍ । ଇ ଅବ୍ସରେ ହଜାର୍ ହଜାର୍ ଶ୍ରଦ୍ଧାଳୁ ଯୋଗ୍ ଦେଇଛନ୍ ।

ନୃସିଂହ ଜନ୍ମ ନୀତି          ପୁରୀ ସମ୍ବାଦଦାତା

ପବିତ୍ର ନରସିଂ ଚତୁର୍ଦ୍ଦଶୀ ଅବ୍ସରେ ପୁରୀ ଶ୍ରୀମନ୍ଦିର୍ ନ ନୃସିଂହ ଜନ୍ମ ନୀତି ପାଲନ୍ ହେବାର୍ ସହେତେ ରଥଖଲା ନ ରୂପକାର୍ ମାନ୍କର୍ ତର୍ଫୁ କୋଣଗୁଜ ଅନୁକୂଳ ହେଇଥିବାର୍ ବେଲେ ଭୋଇ ସେବକ୍ମାନ୍କର୍ ତର୍ଫୁ ଆଏଜ୍ ଜନ୍ତାଗାଡ଼୍ କୁଡ଼ା ଯାଇଛେ । ପରମ୍ପରା ଅନ୍ସାରେ ଇ ଜନ୍ତାଗାଡ଼୍ ନ ଆଏବା କାଏଲ୍ନୁ ଚକା ତିଆରି ଲାଗି ତୁମ୍ବଥି ଅର ଖଞ୍ଜାଯିବାର୍ କାମ୍ କରାଯିବା ।

ପାଣିପାଗ               ଆର୍ଏନ୍ୟୁ/ ସମ୍ବଲପୁର

ସେଆଡ଼େ ରାଏଜେ ତାପମାତ୍ରା ବଢ଼୍ବାର୍କେ ଲାଗିଛେ । ଭୁବ୍ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏଜ୍ ୧୯ ଟା ଜିଲ୍ଲାର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍ରେ ରହିଥିଲା । ସମ୍ବଲ୍ପୁର୍ ନ ରାଜ୍ୟର୍ ସବୁନୁ ଜହ

ତାତି ୪୩ ଦଶମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ୧୧ ଟା ଜିଲ୍ଲା ନ ଜବର୍ ଖରା ହେବା ଆଉ ଆଏବା ୩ ଦିନ୍ ଭିତ୍‌ରେ ରାଏଜେ ତାତି ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା ବଲି ବିଭାଗ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।